# ଓଡ଼ିଶା

# ଜଳବାୟୁ ପରିବର୍ତ୍ତନ ଚିଠା ଆକ୍ସନ ପ୍ଲାନ

---

## ଓଡ଼ିଶା ସରକାର

# ସାରାଂଶ

## ଓଡ଼ିଶା ପାଇଁ ଜଳବାୟୁ ପରିବର୍ତ୍ତନ ନେଇ ଗୁରୁତ୍ୱ କାହିଁକି ?

ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶା ଅତ୍ୟନ୍ତ ଦୁର୍ବଳ । ରାଜ୍ୟର ୪୮୦ କିଲୋମିଟର ଉପକୂଳ ସୀମାରେଖା ରହିଛି ଯେଉଁଥିରେ ଜଳବାୟୁ ସମ୍ପର୍କିତ ଝଡ଼ବାତ୍ୟା ଓ ଉପକୂଳ ସ୍ଖଳନ ହୋଇଥାଏ । ଏହାର ଜଳ ସମ୍ପଦ ନିର୍ଭର କରିଥାଏ ମୌସୁମୀ ଉପରେ ଯାହାକି ବିଭ୍ରାନ୍ତିକର ପାଣିପାଗ ଉପରେ ବିଶେଷ ନିର୍ଭରଶୀଳ । ଜଳ ଉପରେ ବିଶେଷ ନିର୍ଭରଶୀଳ ଧାନ ହେଉଛି ଏହାର ମୁଖ୍ୟ ଚାଷ ଏବଂ ଏହି କାରଣରୁ ପାଣିପାଗ ପରିବର୍ତ୍ତନରେ ଏହାର କୃଷି ମଧ୍ୟ ଦୁର୍ବଳ । ଯଦିଓ ରାଜ୍ୟର ଭୌଗଳିକ ଇଲାକାର ମୋଟ ୩୮% ଜଙ୍ଗଲ ତଥାପି ଏହାର ଅଧିକାଂଶ ଜଙ୍ଗଲ କ୍ଷୟଶୀଳ । ପରିବାହିତଜନିତ ରୋଗ ମୁଖ୍ୟତଃ ମ୍ୟାଲେରିଆ ବ୍ୟାପକ ଭାବେ ଦେଖାଯାଇଥାଏ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଏହା ଅଧିକ ବ୍ୟାପ୍ତ ହୋଇଥାଏ ।

ବାସ୍ତବରେ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନର ଅଭିବୃଦ୍ଧି ଧାରାକୁ ପଥଚ୍ୟୁତ କରିଥାଏ ଏବଂ ଓଡ଼ିଶାରେ ଦାରିଦ୍ର୍ୟ ହ୍ରାସ ଯୋଜନାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଧାରାବାହିକ ଭାବେ ଜଳବାୟୁ ପରିବର୍ତ୍ତନ ଅସମାନତା ବୃଦ୍ଧି କରିବା ସହ ଦାରିଦ୍ର୍ୟ ହ୍ରାସ ଯୋଜନାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଅତ୍ୟଧିକ ଜଳବାୟୁ ସମ୍ପର୍କିତ ସିଧାସଳଖ ପ୍ରଭାବ ହେଉଛି ଜୀବନହାନି, ଜୀବନଜୀବିକା ହରାଇବା, ଧନ ଓ ଭିତ୍ତିଭୂମି ନଷ୍ଟ । ଏସମସ୍ତ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଉପରେ ପ୍ରଭାବ ପକାଇବା ସହ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ବୃହତ ଅର୍ଥନୈତିକ ଯୋଜନା, ବାଣିଜ୍ୟ, ଘରୋଇ କ୍ଷେତ୍ର ବିନିଯୋଗ ଆଦିକୁ  ବିଫଳ କରାଇଥାଏ ।

## ଓଡ଼ିଶାରେ ଜଳବାୟୁ ବିପଦସମୂହ

- ବର୍ଷା କ୍ଷେତ୍ରରେ ବ୍ୟାପକ ଅସମାନତା ଯଦ୍ୱାରା ଲୋକମାନେ ଦୁଇଟି ପ୍ରମୁଖ କାଳରେ ଖାଦ୍ୟାଭାବର ଶିକାର ହୋଇଥାନ୍ତି ।
- ପଶ୍ଚିମ ଓଡ଼ିଶାରେ ପ୍ରତ୍ୟେକ ଦୁଇ ମାସରେ ମରୁଡି ଦେଖାଯାଇଥାଏ ଏବଂ ପ୍ରତି ୫-୬ ବର୍ଷରେ ଏକ ବୃହତ ମରୁଡି ଦେଖାଯାଇଥାଏ ।
- ବର୍ଷା ଋତୁରେ ଅଚାନକ ବନ୍ୟା ଆସିଥାଏ
- ଗ୍ରୀଷ୍ମ ଋତୁରେ ଉତ୍ତାପ ଲହରୀ
- ଉପକୂଳରେ ଭୟଙ୍କର ବନ୍ୟା ଓ ଝଡ଼ବାତ୍ୟା

## ଓଡ଼ିଶା ସରକାର(ଜିଓଓ) କ'ଣ କରୁଛନ୍ତି ?

### *ଉନ୍ନତି*

ଅର୍ଥନୈତିକ ଓ ରାଜସ୍ୱ କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ନିଜେ ରୂପାନ୍ତରିତ ହୋଇଛି । ୧୦ମ ପଞ୍ଚବାର୍ଷିକ ଯୋଜନା(୨୦୦୨-୨୦୦୭)ରେ ସାମୂହିକ ରାଜ୍ୟ ଆଭ୍ୟନ୍ତରୀଣ ଉତ୍ପାଦନ (ଜିଏସଡିପି) ୮.୫% ବୃଦ୍ଧି ପାଇଛି ଯାହାକୁ ଜାତୀୟ ହାରହାରି ସ୍ତରରୁ ଅଧିକ । ରାଜ୍ୟରେ ଘରୋଇ ବିନିଯୋଗ ପରିମାଣ ବୃଦ୍ଧି ପାଇଛି, କର୍ମନିଯୁକ୍ତି ସୁଯୋଗ ବୃଦ୍ଧି ପାଇଛି ଏବଂ ଦାରିଦ୍ର୍ୟ ହାର ହ୍ରାସ ପାଇଛି । ରାଜ୍ୟର ନିଜସ୍ୱ ଚେଷ୍ଟାବଳରେ ଏକ ଉଲ୍ଲେଖନୀୟ ରାଜସ୍ୱ ସଫଳତା ହାସଲ ହୋଇଥିବା ସହ କେନ୍ଦ୍ର ସରକାରଙ୍କ ସହାୟତାରେ ଏହା ହାସଲ ହୋଇପାରିଛି । ରାଜ୍ୟର ୧୧ଶ ପଞ୍ଚବାର୍ଷିକ ଯୋଜନା ଜରିଆରେ ବିକାଶ, ଭାଗିଦାରିତ ସମ୍ପନ୍ନ ଅର୍ଥନୈତିକ ଅଭିବୃଦ୍ଧି ଓ ପରିବର୍ଦ୍ଧିତ ମାନବ ବିକାଶ ସମ୍ଭବ ହୋଇଛି । ଓଡ଼ିଶା ସରକାର ସ୍ୱୀକୃତି ଦେଇଛନ୍ତି ଯେ, ଅର୍ଥନୈତିକ ଅଭିବୃଦ୍ଧି ପରିପ୍ରେକ୍ଷୀରେ ଜଳବାୟୁ ପରିବର୍ତ୍ତନକୁ ଅଣଦେଖା କରାଯିବ ନାହିଁ ।

### *ପ୍ରକ୍ରିୟା*

ରାଜ୍ୟ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ(ସିଏପି)କୁ ସ୍ଥିରୀକୃତ କରିବା କ୍ଷେତ୍ରରେ ଓଡ଼ିଶା ନେତୃତ୍ୱକାରୀ ରାଜ୍ୟ । ଏହାର ପ୍ରସ୍ତୁତିକରଣ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ କମିଟି ଗଠିତ ହୋଇଛି । ୧୧ଟି କ୍ଷେତ୍ରୀୟ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି ଏବଂ ସମନ୍ୱିତ ଓ ସମନ୍ୱୟମୂଳକ ପ୍ରସଙ୍ଗସମୂହକୁ ଉପସ୍ଥାପିତ କରିବା ପାଇଁ ଏକ ଆନ୍ତଃ-ବିଭାଗୀୟ କମିଟି ଗଠିତ ହୋଇଛି । ଉଚ୍ଚସ୍ତରୀୟ ସମନ୍ୱୟ କମିଟି ସଦସ୍ୟମାନଙ୍କ ଅଧକ୍ଷତାରେ ଗଠିତ ଗୋଟିଏ ଗୋଟିଏ କାର୍ଯ୍ୟକାରୀ ସଂଗଠନ ଏଗାରଟି କ୍ଷେତ୍ରରେ କାର୍ଯ୍ୟ କରୁଛି । ବିଭିନ୍ନ କ୍ଷେତ୍ରରେ ଏହି କାର୍ଯ୍ୟକାରୀ ସଂଗଠନ ଖ୍ୟାତି ସମ୍ପନ୍ନ ବିଶେଷଜ୍ଞମାନଙ୍କ ଦ୍ୱାରା ସମନ୍ୱୟ ସ୍ଥାପନ କରୁଛି । ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଜାତୀୟ କାର୍ଯ୍ୟକାରୀ ଆକ୍ସନ ପ୍ଲାନ(ଏନଏପିସିସି)

ଦ୍ୱାରା ଯେଉଁ ପ୍ରମୁଖ ବିଷୟଗୁଡ଼ିକୁ ଅଗ୍ରାଧିକାର ଦିଆଯାଇଛି ସେଗୁଡ଼ିକହେଲା(କୃଷି, ଉପକୂଳ ଜୋନ ଓ ବିପର୍ଯ୍ୟୟ, ଶକ୍ତି, ମତ୍ସ୍ୟ ଓ ପଶୁ ସମ୍ପଦ, ଜଙ୍ଗଲ, ସ୍ୱାସ୍ଥ୍ୟ, ଶିକ୍ଷା, ଖଣି, ପରିବହନ, ସହରାଞ୍ଚଳ ଯୋଜନା ଓ ଜଳସମ୍ପଦ) । ଭୁବନେଶ୍ୱର, ବ୍ରହ୍ମପୁର, ଅନୁଗୁଳ ଓ ବାଲେଶ୍ୱରରେ ହୋଇଥିବା ବିଭିନ୍ନ ଆଞ୍ଚଳିକ ପରାମର୍ଶ ସମ୍ବନ୍ଧୀୟ କର୍ମଶାଳାରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ଆଲୋଚିତ କରାଯାଇଛି । ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ପରାମର୍ଶଦାତା କର୍ମଶାଳ ମଧ୍ୟ ଆୟୋଜିତ ହୋଇଛି । ସରକାରୀ କର୍ମକର୍ତ୍ତା, ବ୍ୟାବସାୟିକ ପ୍ରତିନିଧିଙ୍କ ସମେତ ସାମାଜିକ ନାଗରିକ ସଂଗଠନ ଏହି କର୍ମଶାଳାରେ ଭାଗନେଇଥିଲେ । ଏହି ପରାମର୍ଶଗୁଡ଼ିକ ସିଏପି ପାଇଁ ମୂଲ୍ୟବାନ ଖୋରାକ ଯୋଗାଇଥିଲା ।

### ଉଚ୍ଚସ୍ତରୀୟ ସମନ୍ୱୟ କମିଟି

| | |
|---|---|
| *ମୁଖ୍ୟ ଶାସନ ସଚିବ* | *ଅଧ୍ୟକ୍ଷ* |
| *ଉନ୍ନୟନ କମିଶନର* | *ସଦସ୍ୟ* |
| *କୃଷି ଉତ୍ପାଦନ କମିଶନର* | *ସଦସ୍ୟ* |
| *ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ* | *ସଦସ୍ୟ* |
| *ପ୍ରମୁଖ ଶାସନ ସଚିବ, ମତ୍ସ୍ୟ ଓ ପଶୁସମ୍ପଦ* | *ସଦସ୍ୟ* |
| *ପ୍ରମୁଖ ଶାସନ ସଚିବ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ* | *ସଦସ୍ୟ* |
| *ପ୍ରମୁଖ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ* | *ସଦସ୍ୟ* |
| *କମିଶନର ତଥା ଶାସନ ସଚିବ, କୃଷି ବିଭାଗ* | *ସଦସ୍ୟ* |
| *କମିଶନର ତଥା ଶାସନ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ* | *ସଦସ୍ୟ* |
| *କମିଶନର ତଥା ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ* | *ସଦସ୍ୟ* |
| *କମିଶନର ତଥା ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ* | *ସଦସ୍ୟ* |
| *କମିଶନର ତଥା ସଚିବ, ଶକ୍ତି ବିଭାଗ* | *ସଦସ୍ୟ* |
| *କମିଶନର ତଥା ସଚିବ, ଶିକ୍ଷା ବିଭାଗ* | *ସଦସ୍ୟ* |
| *କମିଶନର ତଥା ସଚିବ, ଜଳସମ୍ପଦ ବିଭାଗ* | *ସଦସ୍ୟ* |
| *ପରିଚାଳନା ନିର୍ଦ୍ଦେଶକ, ଓସଡମା* | *ସଦସ୍ୟ* |
| *ପ୍ରମୁଖ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ* | *ସଦସ୍ୟ-ଆବାହକ* |

### କୃଷି

ରାଜ୍ୟ ଅର୍ଥନୀତିରେ କୃଷି ଏକ ଅଗ୍ରାଧିକାର ସ୍ଥିତି ହାସଲ କରିଛି । ରାଜ୍ୟର ୮୫.୦୩% ଜନସାଧାରଣ ଗ୍ରାମୀଣ ଓ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ଏବଂ ସାମଗ୍ରିକ ରାଜ୍ୟ ଆଭ୍ୟନ୍ତରୀଣ ଉତ୍ପାଦନ(ଜିଏସଡିପି)ର ୨୬ ପ୍ରତିଶତ ଅବଦାନ ଦେଇଥାଏ । ରାଜ୍ୟର ୬୦% ଜମି ବର୍ଷାଜଳ ଉପରେ ନିର୍ଭରଶୀଳ ଏବଂ ବର୍ଷାଜଳ ନିର୍ଭରଗାମୀ ଶସ୍ୟ- ଧାନ ଏହାର ମୁଖ୍ୟ ଫସଲ । ତେବେ ଜଳବାୟୁଜନିତ ପାଣିପାଗ ପରିବର୍ତ୍ତନର ଅସ୍ଥିରମୟ ପରିସ୍ଥିତିର ଶିକାର ହୋଇଥାଏ ଓଡ଼ିଶାର କୃଷି । ସେହିପରି ଉପକୂଳର ବନ୍ୟା ପ୍ରଭାବିତ ଇଲକାରେ ଚାଷ କରାଯାଉଥିବା ଧାନ ବାରମ୍ବାର ମୃତ୍ତିକା ଅବକ୍ଷୟ, ଲୁଣିଚର ଓ ଜଳବୁଡ଼ିର ଶିକାର ହୋଇଥାଏ । ଜଳବାୟୁ ସଂକ୍ରାନ୍ତ ସୂଚନାରୁ ସୂଚିତ ହୋଇଥାଏ ଯେ, ଶୁଷ୍କ ଅଞ୍ଚଳ କ୍ରମଶଃ ଅଧିକ ଶୁଷ୍କ ହୋଇଥାଏ ଏବଂ ବନ୍ୟାଉପଦ୍ରୁତ ଅଞ୍ଚଳ ଅଧିକ ବନ୍ୟା ପ୍ରଭାବିତ ହୋଇଥାଏ । ଅନ୍ୟାନ୍ୟ ସମସ୍ୟା ଯଥା କୀଟ ଓ ରୋଗ ଆଦି ଜଳବାୟୁଜନିତ ହୋଇଥାଏ ।

### ପ୍ରମୁଖ ଅଗ୍ରାଧିକାର

- ଜଳବାୟୁ ଅନୁକୂଳ ରାଜ୍ୟ କୃଷିନୀତି
- ଶ୍ରେଷ୍ଠ ଜଳବାୟୁ ପରିବର୍ତ୍ତନ ପରିକଳ୍ପିତ ନୀତିକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିଷ୍ଠାନଭିତ୍ତିକ କୌଶଳ ଅବଲମ୍ବନ
- ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ସାମର୍ଥ୍ୟର ବିକାଶ
- ଧାରାବାହିକ ଜୀବନଜୀବିକା , ଜନକୈନ୍ଦ୍ରିକ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ

- ଅସ୍ଥିର ଜଳବାୟୁ ଅବସ୍ଥା ସହ ତାଳମିଳାଇବା ପାଇଁ ବର୍ଷଜୀବୀ ଫଳ ଚାରା ରୋପଣ ବୃଦ୍ଧି
- ରକ୍ଷଣାବେକ୍ଷଣ ଓ ସତର୍କଦୃଷ୍ଟି ନିମନ୍ତେ ପ୍ରଯୁକ୍ତିର ମାନବୃଦ୍ଧି
- ମୃତ୍ତିକା, ଜଳ ଓ ଶସ୍ୟ ପରିଚାଳନା କୌଶଳର ବିକାଶ
- ପ୍ରତିରୋଧ ପାଇଁ ପ୍ରମୁଖ ଶସ୍ୟଗୁଡ଼ିକର ପ୍ରଜନନ ଗବେଷଣା
- ଜଳବାୟୁ  ସମ୍ପର୍କିତ ଗବେଷଣା କରିବା

**ଉପକୂଳ ଅଞ୍ଚଳ ଓ ବିପର୍ଯ୍ୟୟ**

ଦୀର୍ଘ କାଳ ଧରି ଓଡ଼ିଶା ବିପର୍ଯ୍ୟୟପ୍ରବଣ: ରାଜ୍ୟରେ ମରୁଡି, ବନ୍ୟା ଓ ବାତ୍ୟା ନିୟମିତ ବିପର୍ଯ୍ୟୟ ଭାବେ ଉଭା ହୋଇଛନ୍ତି ଏବଂ ଅର୍ଥନୀତିର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସାଜିଛନ୍ତି । ୧୯୯୯ରେ ଘଟିଥିବା ମହାବାତ୍ୟା ଓଡ଼ିଶାର ସମଗ୍ର ଉପକୂଳରେ ଧ୍ୱଂସଲୀଳା ସୃଷ୍ଟି କରିଥିଲା ଏବଂ ବିପୁଳ ଜୀବନ ହାନି ଘଟାଇଥିଲା । ବନ୍ୟା ଓ ମରୁଡି କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବର ସମ୍ପର୍କ ନେଇ ଏଯାଏ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ସ୍ପଷ୍ଟ ଯେ, ଜଳବାୟୁ  ପରିବର୍ତ୍ତନ ଯୋଗୁ ସେଗୁଡ଼ିକର ସଂଖ୍ୟା ବୃଦ୍ଧିପାଉଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସଡମା) ଗଠନ କରି ଦେଶରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପ୍ରଥମ ଥର ପାଇଁ ଉଦାହରଣ ସୃଷ୍ଟି କରିଥିବା ବେଳେ ଉପକୂଳ ଓ ବିପର୍ଯ୍ୟୟଗୁଡ଼ିକ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ଏହାଛଡ଼ା ଏହିଧରଣର ବିପର୍ଯ୍ୟୟଗୁଡ଼ିକୁ ମୁକାବିଲା କରିବା, ପରିଚାଳନା କରିବା ଏବଂ ତାହାର ପ୍ରତିକୂଳ ପ୍ରଭାବଗୁଡ଼ିକୁ ସାମନା କରିବାପାଇଁ ସାମର୍ଥ୍ୟର ବିକାଶ ଆବଶ୍ୟକତା ରହିଛି ।

**ପ୍ରମୁଖ ଅଗ୍ରାଧିକାର**

- ନିମ୍ନଗାମୀ ଜଳବାୟୁ ପରିବର୍ତ୍ତନ ବନ୍ୟାର ପ୍ରମୁଖ କାରଣ
- ଉପକୂଳ ମୃତ୍ତିକାକ୍ଷୟ ଅଞ୍ଚଳ ଚିହ୍ନଟ
- ମନିଟରିଂ ବ୍ୟବସ୍ଥା ଓ ପ୍ରସ୍ତୁତି ପ୍ରକ୍ରିୟାକୁ ଶକ୍ତିଶାଳୀ କରିବା
- ସମୁଦ୍ର ଜଳପତନ ବୃଦ୍ଧିର ପ୍ରଭାବ ନେଇ ପ୍ରକୃତ ସୂଚନା
- ଉପକୂଳ ଜୈବବିଭିନ୍ନତା ଉପରେ ପ୍ରଭାବ ନେଇ ଗବେଷଣା

**ଶକ୍ତି**

ଓଡ଼ିଶା ରାଜ୍ୟରେ ବ୍ୟାପକ ଶିଳ୍ପ ଅଭିବୃଦ୍ଧି ଘଟିଆସିଛି । ବର୍ଦ୍ଧିତ ଆବଶ୍ୟକତାକୁ ବିଚାର କରି ଅଧିକ ପରିମାଣର ବିଦ୍ୟୁତ ଉତ୍ପାଦନ କରିବା ଦରକାର । ଓଡ଼ିଶାରେ ଦେଶର ମୋଟ ଗଚ୍ଛିତ କୋଇଲା ପରିମାଣର ୨୫% ରହିଥିବା ବେଳେ ଅଧିକ ମୂଲ୍ୟସମ୍ପନ୍ନ ତାପଜ ବିଦ୍ୟୁତ କାରଖାନାଗୁଡ଼ିକର ପ୍ରତିଷ୍ଠା ଅବଶମ୍ଭାବୀ ହୋଇପଡିଛି । ଗ୍ରୀନହାଉସ ଗ୍ୟାସ ନିର୍ଗମନ କ୍ଷେତ୍ରରେ ତାପଜ ବିଦ୍ୟୁତ କାରଖାନାଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଗ୍ରୀଡକୁ ମଧ୍ୟ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବେ ପରିଗଣିତ ହୋଇଛି । ଶକ୍ତି କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ଦିଗରେ ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ । ଅପେକ୍ଷାକୃତ ଶସ୍ତା, ବିଶ୍ୱସ୍ତ ଓ ଉପଯୁକ୍ତ ଗୁଣବତ୍ତା ସମ୍ପନ୍ନ ବିଦ୍ୟୁତ ଏହା ଜରିଆରେ ଯୋଗାଇଦିଆଯାଇଛି । ଅପରପକ୍ଷେ ଟି ଓ ଡି କ୍ଷତି ହ୍ରାସ କରିବା ଏବଂ ରାଜ୍ୟକୁ ଶକ୍ତ କ୍ଷେତ୍ରରେ ସ୍ୱୟଂସମ୍ପନ୍ନ କରିବା ପାଇଁ ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ ଦିଆଯାଉଛି । ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଥିପ୍ରତି ଅଧିକ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ।

**ପ୍ରମୁଖ ଅଗ୍ରାଧିକାର**

- ସ୍ୱଚ୍ଛ କୋଇଲା ପ୍ରଯୁକ୍ତି ଜରିଆରେ ଅଧିକ ସ୍ୱଚ୍ଛ ବିଦ୍ୟୁତ ଉତ୍ପାଦନ
- ଶକ୍ତି ବିଭାଗର ପ୍ରତିଷ୍ଠାନଭିତ୍ତିକ ବିକାଶ(ସାମର୍ଥ୍ୟ ବିକାଶ/ପୁନର୍ଗଠନ)
- ଟି ଓ ଡି କ୍ଷତି ପରିମାଣ ହ୍ରାସ
- ଚାହିଦା ମୁତାବକ ପରିଚାଳନା ଓ ଶକ୍ତି ସାମର୍ଥ୍ୟକୁ ପ୍ରୋତ୍ସାହନ
- ଫ୍ଲାଏ ଆଶ୍‌ର ବ୍ୟବହାର ଏବଂ ଶକ୍ତି କାରଖାନାଗୁଡିକରୁ ନିର୍ଗମନ ହ୍ରାସ

- କ୍ଷୁଦ୍ର ଓ ମଧ୍ୟମ ଜଳବିଦ୍ୟୁତ ପ୍ରକଳ୍ପକୁ ପ୍ରୋତ୍ସାହନ
- ବାୟୋମାସ କ୍ଷମତାର ସଦୁପଯୋଗ
- ଗ୍ରୀଡଭିତ୍ତିକ ପବନଚାଳିତ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ
- ଅଧିକ ସୌରଶକ୍ତି ଉତ୍ପାଦନ
- ବାୟୋଗ୍ୟାସ ଓ ଅନ୍ୟାନ୍ୟ ଜୈବ ଜାଳେଣିର ବିକାଶ

**ମତ୍ସ୍ୟ ଓ ପଶୁସମ୍ପଦ**

ଆଦିବାସୀ ସମ୍ପ୍ରଦାୟ ଓ ଗ୍ରାମାଞ୍ଚଳର ଗରିବମାନଙ୍କୁ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଜୀବିକା ଅର୍ଜନ ଯୋଗାଇଥାଏ । ଜଙ୍ଗଲଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବେଶ ଅନୁକୂଳ ବ୍ୟବସ୍ଥା ସୃଷ୍ଟି କରିବା ସହ ମୃତ୍ତିକା କ୍ଷୟ ରୋକିଥାଏ ଏବଂ ମରୁଡ଼ି, ବନ୍ୟା ଓ ବାତ୍ୟାର ପ୍ରଭାବ ହ୍ରାସ କରିଥାଏ । ବିକାଶମୂଳକ ପ୍ରକ୍ରିୟା ନିମନ୍ତେ ଜଙ୍ଗଲ ଜମିକୁ ପରିବର୍ତ୍ତନ କରିବା ଯୋଗୁ ଜଙ୍ଗଲଭିତ୍ତିକ ଅର୍ଥନୀତି ଉପରେ ନିର୍ଭର କରୁଥିବା ଲୋକମାନଙ୍କ ଉପରେ ଏହାର ପ୍ରଭାବ ପଡିଥାଏ । ଜଙ୍ଗଲ କ୍ଷୟ ଯୋଗୁ ବନ୍ୟଜନ୍ତୁ ଓ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥାଏ । ଜଳବାୟୁ ନିୟନ୍ତ୍ରଣ ଏବଂ ଉପଯୋଗିତା ଦୃଷ୍ଟିରୁ ଜଙ୍ଗଲ କ୍ଷେତ୍ର ବିଶେଷ ଉପକାରୀ ହୋଇଥାଏ । ଓଡିଶା ଜଙ୍ଗଲ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ଯଦିଓ ଏଯାଏ କୌଣସି ଆକଳନ କରାଯାଇନାହିଁ ତଥାପି ଜଙ୍ଗଲ ଉପରେ ଜଳବାୟୁ ପରିବର୍ତ୍ତନର ଦୀର୍ଘସ୍ଥାୟୀ ପ୍ରଭାବ ସମ୍ପର୍କରେ ମୂଲ୍ୟାୟନ କରିବା ଏବଂ ଏହାର ପ୍ରତିକାର ସମ୍ପର୍କରେ ବିଚାର କରିବାର ଆବଶ୍ୟକତା ରହିଛି ।

**ପ୍ରମୁଖ ଅଗ୍ରାଧିକାର**

- ପତିତ ଜମିରେ ପୁନଃବନୀକରଣ/ବନୀକରଣ
- ଅଙ୍ଗାରକାମ୍ଳ ନିଃଶେଷକ ଭାବେ ବର୍ତ୍ତମାନ ରହିଥିବା ଜଙ୍ଗଲ ଜମିର ସୁରକ୍ଷା
- ଅଣଜଙ୍ଗଲ ଜମିରେ ବୃକ୍ଷରୋପଣ ବୃଦ୍ଧି
- ଲଣ୍ଡା ଜଙ୍ଗଲରେ ବଞ୍ଚିପାରୁଥିବା ବୃକ୍ଷାଦି ରୋପଣ
- ଉପକୂଳରେ ହେନ୍ତାଳ ବନ ପରିମାଣ ବୃଦ୍ଧି
- ଅଗ୍ନିପରିଚାଳନା କୌଶଳର ଆକଳନ
- ଜଳଛାୟା ଓ ଜଳସମ୍ପଦ ପରିଚାଳନାକୁ ସମନ୍ୱିତ କରିବା ପାଇଁ ବୃକ୍ଷ ରୋପଣ ଓ ଜଙ୍ଗଲ ପରିଚାଳନାର ମାନବୃଦ୍ଧି
- ଗୋଷ୍ଠୀଭିତ୍ତିକ ଜଙ୍ଗଲ ଅଧିବାସୀଙ୍କ ପାଇଁ ଏକ ନୂତନ ବ୍ୟବସ୍ଥା ପ୍ରତିଷ୍ଠା
- ସ୍ୱଦେଶୀ ପ୍ରଜାତିର ବୃକ୍ଷ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସେଗୁଡ଼ିକର ଦୁର୍ବଳତା ସଂକ୍ରାନ୍ତରେ ଗବେଷଣା
- ଜୈବବିଭିନ୍ନତା ଓ ବନ୍ୟଜନ୍ତୁଙ୍କ ଉପରେ ହେଉଥିବା ବିପଦର ଆକଳନ
- ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ଜ୍ଞାନ କୌଶଳ ହାସଲ
- ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ପଞ୍ଚାୟତିରାଜ ପ୍ରତିଷ୍ଠାନ/ଗୋଷ୍ଠୀର ସାମର୍ଥ୍ୟର ବିକାଶ
- ଗଚ୍ଛିତ କାର୍ବନର ମନିଟରିଂ ପାଇଁ ନୂତନ ଏଜେନ୍ସି

**ସ୍ୱାସ୍ଥ୍ୟ**

ଜଳବାୟୁ ପରିବର୍ତ୍ତନ ସ୍ୱାସ୍ଥ୍ୟ ପ୍ରତି ବିପଦ ବୃଦ୍ଧି କରିବାର ସମ୍ଭାବନା ରହିଛି । ପରିବାହିତ ରୋଗ ମ୍ୟାଲେରିଆ ସର୍ବବ୍ୟାପୀ ହୋଇଛି । ଅନିୟମିତ ବର୍ଷା ଏବଂ ଅନ୍ୟାନ୍ୟ କାରଣରୁ ଏହା ଅଧିକ ବ୍ୟାପ୍ତ ହେଉଛି । ପରିବାହିତ ରୋଗ, ଜଳବାହିତ ରୋଗ ଓ ଖାଦ୍ୟବାହିତ ରୋଗ ମଧ୍ୟ ଜଳବାୟୁ ପରିବର୍ତ୍ତନ ଯୋଗୁ ଅଧିକ ହୋଇଥାଏ । ସେହିପରି ଉତ୍ତାପ ବୃଦ୍ଧି ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଦୁର୍ବଳ ଜନସଂଖ୍ୟା ପାଇଁ ସ୍ୱାସ୍ଥ୍ୟଜନିତ ବିପଦର କାରଣ ହୋଇଥାଏ ।

**ପ୍ରମୁଖ ଅଗ୍ରାଧିକାର**

- ଜଳବାୟୁ ପରିବର୍ତ୍ତନ ପ୍ରଶମନ ଓ ମୁକାବିଲା ପାଇଁ ସାମର୍ଥ୍ୟ ସୃଷ୍ଟି
- ଜଳବାୟୁ ଅନୁକୂଳ ରାଜ୍ୟ ସ୍ୱାସ୍ଥ୍ୟ ନୀତି
- କୀଟ ପରିବାହିତ ଓ ଜଳଜାତ ରୋଗର ପରିଚାଳନା ପାଇଁ ପଦକ୍ଷେପ
- ପରିବାହିତ ରୋଗ ପରିଚାଳନା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା

- ଉତ୍ତାପ ବୃଦ୍ଧିଜନିତ ସମସ୍ୟାକୁ ସଠିକ ପରିଚାଳନା
- ପାଣିପାଗଜନିତ ଘଟଣାବଳୀର ପରବର୍ତ୍ତୀ ଅବସ୍ଥାର ସଫଳମୁକାବିଲା
- ମରୁଡି, ପୁଷ୍ଟିକର ଓ ଖାଦ୍ୟ ନିରାପତ୍ତା ସମସ୍ୟାର ବିଚାର କରିବା
- ସ୍ୱାସ୍ଥ୍ୟ ଉପରେ ବାୟୁ ଓ ଜଳ ପ୍ରଦୂଷଣର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ ।

**ଶିଳ୍ପ**

ଓଡ଼ିଶାର ଶିଳ୍ପ କ୍ଷେତ୍ର ମୁଖ୍ୟତଃ ଖଣିଜ ପଦାର୍ଥଭିତ୍ତିକ ଶିଳ୍ପ । ଏହି ଶିଳ୍ପଗୁଡ଼ିକ ଅଧିକ ଶକ୍ତି ଆବଶ୍ୟକତା କରୁଥିବାରୁ ଦ୍ରୁତ ଶିଳ୍ପାୟନ ଅଧିକ କାର୍ବନ ନିର୍ଗମନର କାରଣ ହେଉଛି । ଏଣୁ ସ୍ୱଚ୍ଛ ଉତ୍ପାଦନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ଜରିଆରେ ଶକ୍ତି ସାମର୍ଥ୍ୟ ବୃଦ୍ଧିର ଆବଶ୍ୟକତା ରହିଛି । ଖଣିଜପଦାର୍ଥ ଭିତ୍ତିକ ଶିଳ୍ପରେ କାର୍ଯ୍ୟରତ ଶ୍ରମିକମାନେ ଅଧିକ ଗରମ ପରିବେଶରେ କାର୍ଯ୍ୟ କରିଥାନ୍ତି ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ଅଧିକ ଗରମ ପରିବେଶ ସୃଷ୍ଟି ହୋଇଥାଏ ଯାହାର ପ୍ରଭାବ ଶ୍ରମିକମାନଙ୍କ ଉପରେ ପଡ଼ିଥାଏ । ଭବିଷ୍ୟତରେ ବୃତ୍ତିଗତ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଉପକୂଳ ଶିଳ୍ପ ସମ୍ପଦର ସୁରକ୍ଷା ତଥା ଶିଳ୍ପ ସଂଖ୍ୟା ନେଇ ବିଚାର କରିବାର ଆବଶ୍ୟକତା ରହିଛି ।

**ପ୍ରମୁଖ ଅଗ୍ରାଧିକାର**

- ଶିଳ୍ପ ବିକାଶ ନୀତି ସହ ଜଳବାୟୁ ସମ୍ପର୍କିତ ପ୍ରସଙ୍ଗର ସମନ୍ୱୟ
- ଶିଳ୍ପ କ୍ଲଷ୍ଟରଗୁଡ଼ିକରେ ଜିଏଚଜି ପ୍ରୋଫାଇଲ ପ୍ରସ୍ତୁତି
- ତାଳଚେର ଓ ଝାରସୁଗୁଡାରେ ଉତ୍ତପ୍ତ-ଦ୍ୱୀପ ସମ୍ପର୍କରେ ଗବେଷଣା
- ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ବିଭିନ୍ନ ମହଲର ପ୍ରଶିକ୍ଷଣ
- କ୍ଷତିପୂରଣଧର୍ମୀ ଜଳ ଅମଳ ବ୍ୟବସ୍ଥାର କାର୍ଯ୍ୟକାରିତା
- ଶିଳ୍ପ ଓ ଓସଡମା ମଧ୍ୟରେ ପ୍ରତିଷ୍ଠାନଭିତ୍ତିକ ବ୍ୟବସ୍ଥାର ପ୍ରଚଳନ
- ଅଧିକ ଶକ୍ତି ଆବଶ୍ୟକତା କରୁଥିବା କ୍ଷେତ୍ରରେ ଶକ୍ତି ସାମର୍ଥ୍ୟ ସଂକ୍ରାନ୍ତ ଗବେଷଣା
- ବର୍ଜ୍ୟବସ୍ତୁର ବ୍ୟବହାରକୁ ପ୍ରୋତ୍ସାହନ
- ତାପଜ ବିଦ୍ୟୁତ କାରଖାନ ପାଇଁ ନିର୍ଗମନ ଲକ୍ଷ୍ୟ

**ଖଣି**

ଓଡ଼ିଶାରେ ଖଣି ଏକ ମୁଖ୍ୟ କାର୍ଯ୍ୟ ଏବଂ ରଜ୍ୟର ଅର୍ଥନୀତିର ବିକାଶରେ ଏହା ପ୍ରମୁଖ ସହାୟତା ଦେଇଥାଏ । ଓଡ଼ିଶାରେ ଗଚ୍ଛିତ କେତେକ ଖଣିଜ ପଦାର୍ଥ ଦେଶରେ ଗଚ୍ଛିତ ପରିମାଣ ତୁଳନାରେ ଅଧିକ । ତେବେ ଓଡ଼ିଶାରେ ଖଣି  ସ୍ଥାନୀୟ ପରିବେଶ ପାଇଁ ବିପଦ ସାବ୍ୟସ୍ତ ହୋଇଛି । ତନ୍ମଧ୍ୟରେ ରହିଛି ବାୟୁ ପ୍ରଦୂଷଣଜନିତ ପ୍ରଭାବ, ଜଳ ପ୍ରଦୂଷଣ(ଖଣି କାର୍ଯ୍ୟରୁ ବାହାରୁଥିବା ପାଣି), ସାମାଜିକ ପ୍ରଭାବ(ବିସ୍ଥାପନ ଓ ଥଇଥାନ) ଏବଂ ଜଙ୍ଗଲ ପ୍ରଭାବ(ଜଙ୍ଗଲ ଓ ଏହାର ଆଖପାଖରେ ଥିବା ଖଣିଅଞ୍ଚଳ) ।

**ପ୍ରମୁଖ ଅଗ୍ରାଧିକାର**

- ଜଳବାୟୁ ଅନୁକୂଳ ରାଜ୍ୟ ଖଣିଜ ନୀତି
- ଖଣି ଇଲାକା ଓ ଖଣିଜ ପରିବହନ କ୍ଷେତ୍ରରେ ଶକ୍ତି ସାମର୍ଥ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଉପଯୁକ୍ତ ନୀତିସମୂହ
- ନିମ୍ନମାନର ଖଣିଜ ପଦାର୍ଥଗୁଡ଼ିକର ଚିହ୍ନଟ ଏବଂ ସେମାନଙ୍କର ଉପକାରିତା
- ପ୍ରମୁଖ ଖଣି ଅଞ୍ଚଳରେ ପରିବେଶ ନିରାପତ୍ତାକୁ ସଶକ୍ତୀକରଣ କରିବା
- ଜଳଅମଳ ସଂକ୍ରାନ୍ତ ଭିତ୍ତି, ଭଣ୍ଡାର ଓ ନଦୀବନ୍ଧର ସୁରକ୍ଷା
- ପ୍ରମୁଖ ଖଣି ଅଞ୍ଚଳରେ ସବୁଜିମା ଜୋନ ସୃଷ୍ଟି ଓ ସୁରକ୍ଷା
- ସ୍ୱଚ୍ଛ ବିକାଶ ପ୍ରକ୍ରିୟା ସଂକ୍ରାନ୍ତରେ ପ୍ରଶିକ୍ଷଣ

**ପରିବହନ**

ଅଧିକ ଉପଲବ୍ଧ ନିମ୍ନ ମୂଲ୍ୟର ଯାନ ତଥା କମ ସଂଖ୍ୟକ ସାଧାରଣ ପରିବହନ ବ୍ୟବସ୍ଥା ଯୋଗୁ ପରିବହନ କ୍ଷେତ୍ରରେ ନିର୍ଗମନ ପରିମାଣ ବୃଦ୍ଧି ପାଇଥାଏ । ଓଡ଼ିଶା ମଧ୍ୟ ସଡକ ପରିବହନ ଉପରେ ମୁଖ୍ୟତଃ ନିର୍ଭର କରିଥାଏ ଯାହାକି କାର୍ବନ ନିର୍ଗମନ ଅଧିକ କରିବାରେ

ସହାୟକ ହୋଇଥାଏ । ଆଞ୍ଚଳିକ ସ୍ତରରେ ପ୍ରଦୂଷଣ ଏହା ଜରିଆରେ ଅଧିକ ହୋଇଥାଏ । ରାଜ୍ୟରେ କମ ନିର୍ଗମନ ହେଉଥିବା ଇନ୍ଧନ ଯଥା- ସିଏନଜି ବ୍ୟବସ୍ଥା ବିକଳ୍ପ ହିସାବରେ ନଥିବାରୁ କାର୍ବନ ଅନୁକୂଳ ତ୍ୱରିତ ପରିବହନ ବ୍ୟବସ୍ଥା ଉପରେ ଅଗ୍ରାଧିକାର ଦେବା ଆବଶ୍ୟକତା ରହିଛି ।

### ପ୍ରମୁଖ ଅଗ୍ରାଧିକାର

- ଜଳବାୟୁ ଅନୁକୂଳ ରାଜ୍ୟ ପରିବହନ ନୀତି ଓ ନୌକା ନୀତି
- ପରିବହନ ଯୋଜନା ସହ ସହରାଞ୍ଚଳ ଓ ଜମି ବ୍ୟବହାର ଯୋଜନା ମଧ୍ୟରେ ସମନ୍ୱୟ
- ରେଳ ଜରିଆରେ ଅଧିକ ପରିମାଣର ମଇଳା ସାମଗ୍ରୀର ପରିବହନକୁ ପ୍ରୋତ୍ସାହନ ଓ ଉପସହରତଳି ଇଲାକାରେ ଏମଆରଟିଏସ ପ୍ରଚଳନ
- ପାରମ୍ପରିକ ଇନ୍ଧନର ବିକଳ୍ପ ଇନ୍ଧନକୁ ବ୍ୟବହାର କରିବା ଏବଂ ଅଟୋମୋବାଇଲରେ ମିଶ୍ରିତ ଜୈବଜାଳେଣିର ବ୍ୟବହାର
- ଗ୍ରୀନ ଲୋ କାର୍ବନ ଫୁଟ-ପ୍ରିଣ୍ଟ ରାଜପଥ
- ଇନ୍ଧନ ସାମର୍ଥ୍ୟ ସମ୍ପର୍କରେ ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଏବଂ ନିର୍ଗମନ ହ୍ରାସ ସଂକ୍ରାନ୍ତ ପଦକ୍ଷେପ
- ଅଣମୋଟରଭିତ୍ତିକ ପରିବହନକୁ ପ୍ରୋତ୍ସାହନ
- ବୃକ୍ଷରୋପଣ ଜରିଆରେ କାର୍ବନ ନିର୍ଗମନ ହ୍ରାସ ବ୍ୟବସ୍ଥା
- ପରିବହନ କ୍ଷେତ୍ରରୁ କାର୍ବନ ନିର୍ଗମନ ସଂକ୍ରାନ୍ତ ଆକଳନ
- ଜଳପଥ ବ୍ୟବହାର ଉପରେ ଗୁରୁତ୍ୱ

### ସହର ଯୋଜନା

ଓଡ଼ିଶାରେ ସହରାଞ୍ଚଳକୁ ଗ୍ରାମାଞ୍ଚଳ ଲୋକମାନଙ୍କ ଆଗମନ ଏହାର ସଂଖ୍ୟାଗତ ଅଭିବୃଦ୍ଧି ଘଟାଇଥାଏ । ଏହା ଯୋଗୁ ସହରାଞ୍ଚଳ ଭିତ୍ତିଭୂମି ଉପରେ ଗଭୀର ଚାପ ପଡିଥାଏ । ତେବେ ଜାତୀୟ ସ୍ତର ତୁଳନାରେ ଓଡ଼ିଶାରେ ସହରାଞ୍ଚଳରେ କମ ଲୋକ ବାସ କରୁଥିବା ବେଳେ ସହରାଞ୍ଚଳ ବିକାଶ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ, ଅନ୍ୟାନ୍ୟ ଭାରତୀୟ ସହର(ମୁଖ୍ୟତଃ ମେଟ୍ରୋପଲିଟାନ ସହର)ଠାରୁ ଅତୀତର ଭୁଲ/ଅଭିଜ୍ଞତା ସମ୍ପର୍କରେ ତଥ୍ୟାବଳୀ ହାସଲ କରିବାର ଆବଶ୍ୟକତା ରହିଛି । ଜଳବାୟୁ ପରିବର୍ତ୍ତନକୁ ବିଚାରକୁ ନେଇ ଓଡ଼ିଶା ଏକ ଜଳବାୟୁ-ଦାୟିତ୍ୱସମ୍ପନ୍ନ ସହରାଞ୍ଚଳ ବିକାଶ ପଥରେ ଅଗ୍ରସର ହେବା ଆବଶ୍ୟକ ।

### ପ୍ରମୁଖ ଅଗ୍ରାଧିକାର

- ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତରେ ସାମର୍ଥ୍ୟ ସୃଷ୍ଟି
- ସହରାଞ୍ଚଳ ଜଳ ଯୋଗାଣ ଓ ନର୍ଦ୍ଦମା ପାଇଁ ଜଳବାୟୁ ଅନୁକୂଳ ଡିଜାଇନ ତିଆରି
- ଜଳ ସଂରକ୍ଷଣ ପଦକ୍ଷେପ ନେଇ ବସ୍ତିବାସିନ୍ଦାଙ୍କୁ ସଚେତନ କରାଇବା
- ଆଦର୍ଶ ଏମଏସଡବ୍ଲ୍ୟୁ ପରିଚାଳନା ଯୋଜନା
- ଶକ୍ତି ସଂରକ୍ଷଣ ସମ୍ପନ୍ନ ଷ୍ଟ୍ରିଟ ଲାଇଟିଂ ବ୍ୟବସ୍ଥା ଉପରେ ସହରାଞ୍ଚଳ ବାସିନ୍ଦାଙ୍କୁ ସଚେତନ କରାଇବା
- ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାଗୁଡ଼ିକ ପାଇଁ ମାଷ୍ଟର ପ୍ଲାନ/ସିଡିପି ଗାଇଡଲାଇନକୁ ଶକ୍ତିଶାଳୀ କରିବା
- ଅଣମୋଟରଭିତ୍ତିକ ପରିବହନ ଜରିଆରେ ସହରାଞ୍ଚଳ ଭିତ୍ତିଭୂମିର ବିକାଶ
- ସହରରେ ଜଳଅମଳଭିତ୍ତିକ ପଦକ୍ଷେପ ଦ୍ୱାରା ଜଳସଂରକ୍ଷଣ
- ଜଳବାୟୁ ପରିବର୍ତ୍ତନ ଅନୁସାରେ ସହରାଞ୍ଚଳରେ ବର୍ଷାଜଳ ପ୍ରବାହ ସଂକ୍ରାନ୍ତ ମଡେଲର ବିକାଶ ଓ ନର୍ଦ୍ଦମା ବ୍ୟବସ୍ଥାର ବିକାଶ

### ଜଳ

ଓଡ଼ିଶାରେ ଅସ୍ଥିର ମୌସୁମୀ ଯୋଗୁ ଜଳ ସମ୍ପଦ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପରିଲକ୍ଷିତ ହୋଇଥାଏ ଏବଂ ନଦୀରେ ଜଳପତନରେ ପରିବର୍ତ୍ତନ ପରିସ୍ଥିତି ସୃଷ୍ଟି ହୋଇଥାଏ । ବନ୍ୟା, ମରୁଡି ଓ ବାତ୍ୟା ମଧ୍ୟ ଏହାର ଅନ୍ୟ କାରଣ । ଅସମାନ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ଓ ମରୁଡି ବାରମ୍ବାର ଦେଖାଯାଇଆସୁଛି । ଗତକିଛି ବର୍ଷ ମଧ୍ୟରେ ଅସମାନ ବର୍ଷା ଯୋଗୁ ଉଭୟ ବର୍ଷା ଓ ବନ୍ୟା ସୃଷ୍ଟି

ହେବା ଘଟଣା ମୁଖ୍ୟ ଚିନ୍ତାର କାରଣ ହୋଇଛି । କେତେକ ସ୍ଥାନରେ କୃଷକମାନଙ୍କ ଉପରେ ମରୁଡିର ପ୍ରଭାବ ଅତ୍ୟନ୍ତ କଠୋର ସାବ୍ୟସ୍ତ ହୋଇଛି ।

### ପ୍ରମୁଖ ଅଗ୍ରାଧିକାର

- ଜଳସଂରକ୍ଷଣ ନେଟଓ୍ୱର୍କକୁ ବିସ୍ତାରିତ କରିବା
- ବନ୍ୟା ସଂକ୍ରାନ୍ତ ଆଗୁଆ ସୂଚନା ମଡେଲର ବିକାଶ
- ବିଶ୍ୱ ଜଳବାୟୁ ଆକଳନ ମଡେଲକୁ ଗୁରୁତ୍ୱ ଦେବା
- ଜଳ ବ୍ୟବହାର ସାମର୍ଥ୍ୟ ବୃଦ୍ଧି
- ଜଳ ଅମଳ ପ୍ରକଳ୍ପ ନିର୍ମାଣ
- ନର୍ଦ୍ଦମା ବ୍ୟବସ୍ଥାରେ ଉନ୍ନତିକରଣ
- ନଦୀ ବ୍ୟବସ୍ଥା ଓ ପରିବେଶକୁ ଶକ୍ତିଶାଳୀ କରିବା
- ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ପାଣି ପଞ୍ଚାୟତ ଜରିଆରେ ସଚେତନ ସୃଷ୍ଟି କରିବା ଏବଂ କୃଷିଜଳବାୟୁ ଷ୍ଟେସନ ପ୍ରତିଷ୍ଠା କରିବା
- ସମନ୍ୱିତ ଜଳ ସମ୍ପଦ ପରିଚାଳନା

### ଆଗକୁ ପଥ

ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆକ୍ସନ ପ୍ଲାନ(ସିଏପି) ଏକ କାର୍ବନ ସଚେତନତା, ଜଳବାୟୁ ଅନୁକୂଳ ପଥରେ ଅଗ୍ରସର ହେବା ପାଇଁ ସହାୟକ ହେବ । ଏହି ପଦକ୍ଷେପ ପାଇଁ ୫ ବର୍ଷ ଲାଗି ୧୭,୦୦୦ କୋଟି ଟଙ୍କାର ଏକ ହିସାବୀକୃତ ବଜେଟ କରାଯାଇଛି । ଚିହ୍ନିତ କେତେକ ଜଳବାୟୁ ଅନୁକୂଳ କାର୍ଯ୍ୟକଳାପ ସମେତ ଅନ୍ୟାନ୍ୟ କାର୍ଯ୍ୟାବଳୀ ପାଇଁ ହେବାକୁ ଥିବା ବ୍ୟୟ ବରାଦ ଏଥିରେ ସାମିଲ ରହିଛି । ଅତିରିକ୍ତ ବ୍ୟୟ ପାଇଁ ଭାରତ ସରକାର ଓ ଅନ୍ୟାନ୍ୟ ପାଣ୍ଠି ପ୍ରଦାନ କରୁଥିବା ଆନ୍ତର୍ଜାତିକ ସଂସ୍ଥାଠାରୁ ସଂଗ୍ରହ କରାଯିବ । ବିଶ୍ୱ କାର୍ବନ ବଜାର ଓ ସ୍ୱତନ୍ତ୍ର ବିଶ୍ୱସ୍ତରୀୟ ପାଣ୍ଠିରୁ ସୁବିଧା ହାସଲ ପାଇଁ ଚେଷ୍ଟା କରାଯିବ । ଏହାର ପ୍ରଗତି ଓ ପ୍ରଭାବ ସମ୍ପର୍କରେ ସମୀକ୍ଷା ପାଇଁ ମନିଟରିଂ ଓ ମୂଲ୍ୟାୟନ ବ୍ୟବସ୍ଥା କରାଯିବ । ଏହି ଯୋଜନାର କାର୍ଯ୍ୟକାରିତାର ପ୍ରଥମ ବର୍ଷରେ ଏକ ଜଳବାୟୁ ପରିବର୍ତ୍ତନ ସଂସ୍ଥା ପ୍ରତିଷ୍ଠା ହେବ । ଏଥିରେ ପରାମର୍ଶ ସମ୍ବନ୍ଧୀୟ, ଅନୁଧ୍ୟାନ ସମ୍ବନ୍ଧୀୟ ଓ ସମନ୍ୱୟ ସଂକ୍ରାନ୍ତ କମିଟି ରହିବ । ଏହିସଂସ୍ଥା ଭାରତ ସରକାର ଓ ଅନ୍ୟାନ୍ୟ ଆନ୍ତର୍ଜାତିକ ପାଣ୍ଠି ସହାୟତାକାରୀ ସଂସ୍ଥା ମଧ୍ୟରେ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତରେ କାର୍ଯ୍ୟକରିବା ନେଇ ଯୋଗସୂତ୍ର ରକ୍ଷା କରିବ । ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଓଡ଼ିଶା ସରକାର ନେତୃତ୍ୱସାହୀ ଭୂମିକା ଜାହିର କରିବେ ।